

# ପିପ୍ପଳୀ

ପିପ୍ପଳୀର ଜନ୍ମସ୍ଥାନ ଭାରତ ଓ ମାଲୟେସିଆରେ ବୋଲି ଜଣାଯାଏ । ଏହା ଭାରତ, ନେପାଳ, ଇଣ୍ଡୋନେସିଆ, ମାଲୟେସିଆ ଫିଲିପାଇନସର କ୍ରାନ୍ତୀୟ ଅ ଳର ଅରଣ୍ୟମାନଙ୍କରେ ମିଳିଥାଏ । ଖାସି ପର୍ବତ ଏବଂ ପଶ୍ଚିମବଙ୍ଗର ନିମ୍ନ ପର୍ବତ, ପୂର୍ବ ଉ ର ପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ ଓ ତାମିଲନାଡୁର ଏହାକୁ ଆଜିକାଲି ଋଷ କରାଗଲାଣି । ଏହା ମଧ୍ୟ ଆନ୍ଧ୍ରପ୍ରଦେଶ ଓ ଅଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଜଙ୍ଗଲରେ ମିଳିଥାଏ । ତାମିଲ ଭାଷାରେ ପପ୍ପଳୀକୁ 'ଆଦିମାରୁଦ୍ର' କୁହାଯାଏ । ଏହାର ଅର୍ଥ ହେଲା ମୌଳିକ ବା ପ୍ରାଥମିକ ଔଷଧ । ଔଷଧୀୟ ବ୍ୟବହାର ବ୍ୟତୀତ ପିପ୍ପଳୀକୁ ଏକ ମସଲା ଭାବରେ ମଧ୍ୟ ବ୍ୟବହାର କରାଯାଏ । ପିପ୍ପଳୀ ଫଳ ସହିତ ଏହାର ମୂଳକୁ ମଧ୍ୟ ଔଷଧୀୟ ବ୍ୟବହାରରେ ଲଗାଯାଇଥାଏ । ଏହି ଗଛର ପତ୍ରରେ ମଧ୍ୟ ରୋଗ ନିବାରକ ଗୁଣ ଅଛି । ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଏହାର ପତ୍ରକୁ ପାନ ଭଳି ବ୍ୟବହାର କରାଯାଏ । ଏହା ଜଙ୍ଗଲରେ ମିଳୁଥିବା ବେଳେ ଭାରତ ବର୍ଷରେ ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ. ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ଉ ରପ୍ରଦେଶର ପୂର୍ବଭାଗ ଏବଂ ଖାସି ପାର୍ବତ୍ୟ ଅ ଳରେ ପ୍ରଚୁର ପରିମାଣରେ ଋଷ କରାଗଲାଣି । ଏହାର ବୈଜ୍ଞାନିକ ନାମ ପାଇପର ଲଙ୍ଗମ୍ ଓ ଏହା ପାଇପରାସି ବଂଶର ଅନ୍ତର୍ଭୁକ୍ତ ।

| **ଅନ୍ୟ ଭାଷାରେ ନାମ** | | |
|---|---|---|
| ହିନ୍ଦୀ | : | ପିପଳୀ |
| ଓଡ଼ିଆ | : | ପିପ୍ପଳୀ |
| ସଂସ୍କୃତ | : | ପିପ୍ପଳୀ, ମାଗଧୀ |
| ପଞ୍ଜାବି | : | ମଘ |
| ଇଂରାଜୀ | : | ଇଣ୍ଡିଆନ ଲଙ୍ଗ୍‌ପିପର |
| ମରାଠି | : | ପିପଳୀ |
| ତାମିଲ | : | ଟିପିଲ୍ଲି |
| କନ୍ନଡ଼ | : | ହିପ୍ପଲି |
| ବଙ୍ଗଳା | : | ପିପୁଲ, ଜଟାୟ |
| ତେଲଗୁ | : | ପିପୁଲ,ମୋଡି |
| ଗୁଜୁରାଟୀ | : | ପିପ୍‌ଲି |

**ପତ୍ର** – ଚଉଡା, ଅଣ୍ଡାକୃତି ।

**ଫୁଲ** – ସିଧା, ସରୁ, ଲମ୍ୱାଳିଆ

**ଫଳ** – ହଳଦିଆ, କମଳାରଙ୍ଗ, ସଂପୂର୍ଣ୍ଣ ପାକଳ ହେଲାପରେ କଳା ଧୂସରିଆ

ଏହି ଗଛର ଅନେକ ଔଷଧୀୟ ଗୁଣ ରହିଥିବାବେଳେ ଏହା ବିଭିନ୍ନ ଆୟୁର୍ବେଦ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଥାଏ । ଏହାର ଫଳକୁ ଛାଡ଼ିଦେଲେ ମୂଳ ଏବଂ ଡାଳର ମୋଟା ଅଂଶକୁ କାଟି ଶୁଖାଇ ମଧ୍ୟ ବିଭିନ୍ନ ଆୟୁର୍ବେଦ ଓ ୟୁନାନୀ ପଦ୍ଧତିରେ ପ୍ରସ୍ତୁତ ଔଷଧରେ ବ୍ୟବହାର କରାଯାଇଥାଏ । କେତେକ ପାହାଡ଼ିଆ ଅ ଳରେ ପିପ୍‌ପଳୀକୁ କେବଳ ଏହାର ମୂଳ ସଂଗ୍ରହ ନିମନ୍ତେ ଉତ୍ପାଦନ କରାଯାଇଥାଏ । ଏହାକୁ ବର୍ଷସାରା ଫସଲ ଭାବରେ ଛୋଟ ଛୋଟ ଜମିରେ ଚାଷ କରାଯାଇଥାଏ । ଏହି ଗଛରୁ ଚେରକୁ ୧୦ ରୁ ୩୦ ବର୍ଷ ପର୍ଯ୍ୟନ୍ତ ସଂଗ୍ରହ କରାଯାଇଥାଏ । ଗଛ ଲଗାଇବାର ପ୍ରଥମ ୧୮ ମାସ ପରେ ଏଥିରୁ ପ୍ରଥମ ଅମଳ ମିଳିଥାଏ ।



ପିପ୍ପଳୀ ଏକ ନରମ, ସୁଗନ୍ଧଯୁକ୍ତ ଲତା ଜାତୀୟ ଉଦ୍ଭିଦ ଅଟେ । ସମୟ ସମୟରେ ଏହା ଗଛ ଉପରେ ମାଡ଼ି ଥିଲାବେଳେ କିଛି ସାହାରା ନଥିଲେ ମାଟି ଉପରେ ମଧ୍ୟ ମାଡ଼ିଥାଏ । ଏହାର ଚେର ଟାଣ । ଏହା କୌଣସି ଗଛରେ ମାଡ଼ିବା ବେଳେ ଛୋଟ ଛୋଟ ଚେର ପକାଇଥାଏ । ଛୋଟ ଗଛର ମୂଳଗୁଡ଼ିକ ମାଟି ତଳେ ଥାଆନ୍ତି । ପତ୍ରଗୁଡ଼ିକ ୫ ରୁ ୯ ସେ ିମିଟର ଲମ୍ବ ଓ ୫ ସେ ିମିଟର ଚଉଡ଼ା ହୋଇଥାଏ । ଏହାର ପତ୍ରଗୁଡ଼ିକ ଦେଖିବାକୁ ଡିମ୍ବାକୃତି ପତ୍ରର ମୂଳଟି ଅପେକ୍ଷାକୃତ ସରୁ । ଏହାର ଫୁଲଗୁଡ଼ିକ ସିଧା, ସରୁ, ଲମ୍ବାଳିଆ । ବର୍ଷାଦିନ ପରେ ପରେ ଏହି ଫୁଲଗୁଡ଼ିକ ଫୁଟିଥାଏ । ଅଣ୍ଡିରାଫୁଲଗୁଡ଼ିକ ଅପେକ୍ଷାକୃତ ଲମ୍ବା, ନରମ ଏବଂ ୨.୫ ରୁ ୭.୫ ସେ ିମିଟର ଲମ୍ବା ହୋଇଥାଏ । କିନ୍ତୁ ମାଇଫୁଲଗୁଡ଼ିକ ୧.୨୫ ରୁ ୨ ସେ ିମିଟର ଲମ୍ବା । ଫଳଧରୁଥିବା ଫୁଲଗୁଡ଼ିକ ୩ ସେ ିମିଟର ଲମ୍ବ ହୋଇଥାଏ । ପ୍ରାୟ ୦.୨୫ ସେ ିମିଟର ବ୍ୟାସ ବିଶିଷ୍ଟ ଏକ ଡେମ୍ଫ ଚାରିପଟେ କମଳା ରଙ୍ଗରେ ଛୋଟ ଗୋଲ ଗୋଲ କୋଳି ସବୁ ଫଳରେ ଲାଗିରହିଥାଏ । ଭାରତରେ ହେଉଥିବା ପିପ୍‌ପଳୀ ପ୍ରଜାତି ଦୁଇ ତିନୋଟି ପ୍ରଜାତିର ମିଶ୍ରଣରୁ ସୃଷ୍ଟି । ଏଥି ମଧ୍ୟରୁ ଏକ ପ୍ରଜାତି

ମାଲୟେସିଆ ଏବଂ ଇଣ୍ଡୋନେସିଆରୁ ଆମଦାନୀ ହୋଇଅଛି । ଜାଭା ଦ୍ୱୀପପୁଞ୍ଜରେ ହେଉଥିବା ପ୍ରଜାତିଟିର ବୈଜ୍ଞାନିକ ନାମ ହେଲା ପାଇପରଅଫିସିନାରମ୍ ଏବଂ ଏହା ଭାରତୀୟ ପ୍ରଜାତିଠାରୁ ଭିନ୍ନ ଅଟେ । ଇଂଲଣ୍ଡରେ ବ୍ୟବସାୟ ହେଉଥିବା ପିପ୍ପଳୀ ମୁଖ୍ୟତଃ ଏହି ପ୍ରଜାତି ଅର୍ନ୍ତଭୁକ୍ତ ।

## ପିପ୍ପଳୀ ପ୍ରକାରଭେଦ




ସାଧାରଣତଃ ଚାରି ପ୍ରକାର ପିପ୍ପଳୀ ଦେଖିବାକୁ ମିଳିଥାଏ । ଏହା ପିପ୍ପଳୀ, ବନ ପିପ୍ପଳୀ, ସିଂହଳୀ ପିପ୍ପଳୀ ଓ ଗଜ ପିପ୍ପଳୀ ଭାବେ ପରିଚିତ ।

ସ୍ଥଳ ବିଶେଷରେ ସାଧାରଣ ପିପ୍ପଳୀକୁ ମଗାଧି ପିପ୍ପଳୀ କୁହାଯାଇଥାଏ । ସାଧାରଣତଃ ଜଙ୍ଗଲରେ ହେଉଥିବା ପିପ୍ପଳୀକୁ ବନ ପିପ୍ପଳୀ କୁହାଯାଏ । ଏହି ପିପ୍ପଳୀ ସାଧାରଣ ପିପ୍ପଳୀଠାରୁ ଆକାରରେ ଛୋଟ ପତଳା ଅଟେ । ଏହି ପିପ୍ପଳୀ ଆସାମ, ପଶ୍ଚିମବଙ୍ଗ ଓ ବର୍ମାରେ ଅଧିକ ମାତ୍ରାରେ ଉପଲବ୍ଧ ହୋଇଥାଏ । ସିଂହଳୀ ପିପ୍ପଳୀକୁ କେହି କେହି ଜାହାଜି ପିପ୍ପଳୀ ମଧ କହନ୍ତି । ଏହା ସାଧାରଣତଃ ଶ୍ରୀଲଙ୍କା ଓ ସିଙ୍ଗାପୁର ଆଦି ଦେଶରୁ ଆମ ଦେଶକୁ ଆମଦାନୀ ହୋଇଥାଏ । ଗଜ ପିପ୍ପଳୀ ସାଧାରଣ ପିପ୍ପଳୀଠାରୁ ଆକାରରେ ବଡ଼ । କିନ୍ତୁ ଅନେକ ଏହାକୁ ଅନ୍ୟ ଏକ ଫଳ ବୋଲି କହିଥାନ୍ତି ।

## ରାସାୟନିକ ସଂରଚନା

ପିପ୍ପଳୀ ଫଳରେ ୪ ରୁ ୫ ପ୍ରତିଶତ ପାଇପାରାଇନ ଆଲ୍‌କାଲଏଡ, ପିପ୍ପଳାଟି, ଆଲ୍‌କାଲଏଡ-ଏ ଓ ପେଲିଟୋରିନ ଆଲ୍‌କାଲଏଡ ଭଳି ଅନ୍ୟ ଏକ ଆଲ୍‌କାଲଏଡ ମହଜୁଦ ଥାଏ । ଏହାଛଡ଼ା ପାଇପରୋଲାକଟମ-ଏ, ପାଇପରୋଲାକଟମ-ବି ଓ ପାଇପରୋଡାଇଅନ ଭଳି ତିନୋଟି ନୂଆ ଆଲକାଲଏଡ ମଧ ଏଥିରେ ମିଳିଥାଏ ।

ପିପ୍ପଳୀ ଚେରରେ ପାଇପେରାଇନ ଆଲକାଲଏଡ ଛଡ଼ା ପାଇପରଲଙ୍ଗୁମାଇନାଇନ ୦.୨ ରୁ ୦.୨୫ ପ୍ରତିଶତ ଏବଂ ପାଇପରଲଙ୍ଗୁମାଇନ ୦.୦୨ ପ୍ରତିଶତ ମହଜୁଦ ଥାଏ । ପାଇପରଲଙ୍ଗୁମାଇନକୁ ବିଶୁଦ୍ଧକରଣ କରାଗଲେ ଏଥିରୁ ସେଫାରାଡିଓନ-ବି, ସେଫାରାଡିଓନ- ଏ, ସେଫାରାନନ୍- ବି, ଆରିଷ୍ଟୋଲାକଟମ୍-ଏ ୧୧, ନରସିଫାରାଡିୟମ-ବି ଓ ଡାଇବେଞ୍ଜୋକ୍ୟୁନୋଲାଇନ ଭଳି ଛଅଟି ନୂଆ ଆଲକାଏଡ ସୃଷ୍ଟି ହୋଇଥାଏ । ଏହାଛଡ଼ା ପ୍ଲୁରିଆଟିଲୋଲ, ଫାରଗୋସିନ, ସେଜାମିନ, ଆଶାରିନିନ, ଗ୍ୟୁନିସିନ ଓ ପାଇପରସାଇଡ ଭଳି ଲିଗନିନ ମିଳିଥାଏ । ଏତ୍‌ଦବ୍ୟତୀତ ଶୁଖିଲା ଫଳରୁ ବାଷ୍ପୀୟ ପାତନ ପ୍ରଣାଳୀରେ ୦.୭ ପ୍ରତିଶତ ଆବଶ୍ୟକୀୟ ତୈଳ ମିଳିଥାଏ ।

**ବ୍ୟବହାର**

**ଔଷଧୀୟ ବ୍ୟବହାର**

ପିପ୍ପଳୀର ଫଳ ଓ ମୂଳ ଉଭୟରେ ଔଷଧୀୟ ଗୁଣ ମହଜୁଦ ଥାଏ । ପିପ୍ପଳୀ ଫଳ କାଶ ରୋଗ ଔଷଧୀୟ ଭାବେ ମୁଖ୍ୟତଃ ବ୍ୟବହାର ହୋଇଥାଏ । ଅନ୍ୟ ରୋଗ ଔଷଧରେ ମଧ୍ୟ ପିପ୍ପଳୀ ମିଶାଇ ବ୍ୟବହାର ହୋଇଥାଏ । ଯଦିଓ ଏହା କଫ ଓ ବାତ ଦୋଷକୁ ପ୍ରଶମିତ କରିଥାଏ, ଏହାର ମାତ୍ରାଧିକ ବ୍ୟବହାର ଦ୍ୱାରା କଫ ଓ ପି



ପ୍ରକୋପ ସୃଷ୍ଟି ହୋଇଥାଏ । ଏକ ଗ୍ଲାସ ଗାଈ ଦୁଗ୍ଧ ସଙ୍ଗେ ଅଧ ଚାମଚ ପିପ୍ପଳୀ ଗୁଣ୍ଡ ମିଶାଇ ଖାଇଲେ କାଶ, ପେଟରେ ହେଉଥିବା ଗ୍ୟାସ ଏବଂ ମୁର୍ଚ୍ଛା ରୋଗ ଉପଶମ ହୋଇଥାଏ । ଗୋଲମରିଚ ପିପ୍ପଳୀ ଓ ଶୁଣ୍ଠିକୁ ସମାନ ହାରରେ ମିଶାଇ ଦିନକୁ ଦୁଇ ତିନି ଥର ପାନ କଲେ ଆଜ୍‌ମା ଓ ବ୍ରୋଙ୍କାଇଟିସ୍ ଭଳି ଶ୍ୱାସ ଜନିତ ରୋଗ ଭଲ ହୋଇଥାଏ । ପିପ୍ପଳୀ ଏବଂ ହରଡ଼ ମିଶାଥ ଦିନକୁ ଦୁଇ ଥର ଦୁଇ ମାସ ସେବନ କଲେ ଯୌନ ଅକ୍ଷମତା ଓ ଦୁର୍ବଳତା ଦୂର ହୋଇଥାଏ । ଅଧଚାମଚ ପିପ୍ପଳୀ ଗୁଣ୍ଡ, ଅଧ ଚାମଚ ଲବଙ୍ଗ ଗୁଣ୍ଡ ଏବଂ କିଛି ଲୁଣ ଏକ କପ ଗରମ ପାଣିରେ ମିଶାଇ ସେବନ କଲେ କାଶ, ହିକ୍‌କା ଓ ଗଳା ଖରାପ ଆଦି ରୋଗର ଉପଶମ ନିମନ୍ତେ



ଅତ୍ୟନ୍ତ ଉପକାରୀ ହୋଇଥାଏ । ଇନଫ୍ଲୁଏଞ୍ଜା ରୋଗର ଉପଶ୍ମର ନିମନ୍ତେ ଅଧ ଚାମଚ ପିପ୍ପଳୀ ପାଉଡର, ଅଧ ଚାମଚ ଅଦା ରସ ଓ ଦୁଇ ଚାମଚ ମହୁ ମିଶାଇ ଖାଇଲେ ଅତ୍ୟନ୍ତ ଉପକାର ମିଳିଥାଏ । ପିପ୍ପଳୀର ଅଧା ଚାମଚ ପାଉଡର ଏକ ଚାମଚ ମହୁ ସହିତ ୪୦ ଦିନ ସେବନ କଲେ ଏହା ଅଙ୍କୁଶକୃମି ନିରାକରଣରେ ସହାଯ୍ୟ କରିଥାଏ । ପିପ୍ପଳୀ ଗୁଣ୍ଡ ପ୍ରତିଦିନ ନିୟମିତ ଖାଇଲେ ଏହା ହୃଦୟ ମଧ୍ୟରେ ରକ୍ତ ସ  ାଳନକୁ ନିୟନ୍ତ୍ରିତ କରିଥାଏ । ସମସ୍ତ ପ୍ରକାର ପେଟରୋଗ ନିମନ୍ତେ ପିପ୍ପଳୀ ଏକ ଔଷଧ ରୂପେ ବ୍ୟବହୃତ ହୋଇଥାଏ । ପେଟରୋଗ ଉପଶମ ନିମନ୍ତେ ଲବଣ ଭାସ୍କର ଚୂର୍ଣ୍ଣ ତିଆରିରେ ପିପ୍ପଳୀର ମାତ୍ରା ରହିଥାଏ ।

## ଅନ୍ୟାନ୍ୟ ବ୍ୟବହାର

ଔଷଧୀୟ ବ୍ୟବହାର ଛଡ଼ା ପିପ୍ପଳୀକୁ ମସଲା ରୂପେ ମଧ୍ୟ ବ୍ୟବହାର କରାଯାଇଥାଏ । ପିପ୍ପଳୀକୁ ମସଲା ଭାବେ ବ୍ୟବହାର କରିବା ନିମନ୍ତେ ଅନେକ ଉଦ୍ୟୋଗ ତିଆରି ହୋଇଛି । ଏହା ଛଡ଼ା ପିପ୍ପଳୀରେ ମଧ୍ୟ ବୁଦ୍ଧି ଏବଂ ସ୍ମରଣଶକ୍ତି ବୃଦ୍ଧି ଉପାଦାନ ଥିବାରୁ ଏହାର ପ୍ରଭୁତ ବ୍ୟବହାର ହୋଇଥାଏ । ୧୯୯୩ ମସିହାରେ ହୋଇଥିବା ଏକ ଗବେଷଣାରେ ପିପ୍ପଳୀରେ ମ୍ୟାଲେରିଆ ନିରୋଧି ତ ୍ୱ ମହଜୁଦ ଥିବାର ପ୍ରମାଣ ମିଳିଛି । ସେହିପରି ୧୯୬୮ ମସିହାରେ ହୋଇଥିବା ଏକ ଗବେଷଣାରୁ ପିପ୍ପଳୀରେ ବ୍ୟାକ୍ଟେରିଆ ବିନାଶ କରିବାର ଶକ୍ତି    ରହିଛି ।

## ଚାଷ

ପିପ୍ପଳୀ ଉଭୟ ଔଷଧ ଏବଂ ମସଲାରୂପେ ବ୍ୟାପକଭାବେ ବ୍ୟବହାର ହେଉଥିବାରୁ ଏହାର ଚାଷ ବହୁଳଭାବେ ଆରମ୍ଭ ହେଲାଣି । ଆଜିକାଲି ଅନେକ ସ୍ଥାନରେ ପିପ୍ପଳୀକୁ ବ୍ୟବସାୟିକ ଭି ିରେ ଚାଷ କରାଯାଉଛି । ଏହି ପିପ୍ପଳୀ ଚାଷ ସହିତ ଅନ୍ୟ ଫସଲକୁ ମଧ୍ୟ ଅନ୍ତଃ ଫସଲ ଭାବେ ଚାଷ କରାଯାଇଥାଏ । ପିପ୍ପଳୀ ଉଭୟ ଫଳ ଓ ମୂଳ ଉତ୍ପାଦନ ନିମନ୍ତେ ଚାଷ କରାଯାଇଥାଏ । ଚାଷ ହେବାର ଚାରି ପା   ମାସ ମଧ୍ୟରେ ଫଳ ଆସିବ ଆରମ୍ଭ ହୋଇଯାଏ । କିନ୍ତୁ କିନ୍ତୁ ସାଧାରଣତଃ ଗଛ ଲଗାଇବାର ୧୮ ମାସ ପରେ ଏହାର ଚେର ଅମଳ କରାଯାଇଥାଏ । ଏହି ଚାଷ ୩ରୁ ୫ ବର୍ଷ ପର୍ଯ୍ୟନ୍ତ କରାଯାଇଥାଏ । ୫ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ପିପ୍ପଳୀ ଫଳ ତୋଳିବା ପରେ ଏହି ଗଛକୁ ଓପାଡ଼ି ଏଥିରୁ ମୂଳ ସଂଗ୍ରହ କରାଯାଇଥାଏ ।

## ମାଟି

ଏହି ଗଛ ବୃଦ୍ଧି ନିମନ୍ତେ ଉର୍ବର, ନିଗିଡା ଓ ଲାଲ ମାଟି ଭଲ ଅଟେ । ଜୈବିକ ଉର୍ବର ଓ ଜଳଧାରଣ କ୍ଷମତା ଥିବା ମାଟି ମଧ୍ୟ ଏହି ଚାଷ ନିମନ୍ତେ ଅନୁକୂଳ ଅଟେ । ଚେରାପୁଞ୍ଜି ଅ  ଳର ପାଦଦେଶରେ ଚୂନ ପଥର ଥିବା ମାଟିରେ ମଧ୍ୟ ଏହା ପ୍ରଚୁର ପରିମାଣରେ ଚାଷ କରାଯାଇଥାଏ ।

## ଜଳବାୟୁ

ଏହି ଗଛ ଏକ ଉଷ୍ଣ, ଆର୍ଦ୍ର ଜଳବାୟୁରେ ଭଲ ବଢ଼ିଥାଏ । ସମୁଦ୍ର ପ  ନର ୩୦୦ ରୁ ୩୦୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଏହି ଗଛ ବଢ଼ିପାରେ । ଏହାଠାରୁ ଅଧିକ ଉଚ୍ଚରେ ଉତ୍ପାଦନ କମ୍ ହୋଇଥାଏ ।  ଜଙ୍ଗଲ ଭିତରେ ଏହି ଗଛ ବୁଦାଗଛଠାରୁ ଛୋଟ ଦେଖାଯାଏ । ଏହି ଗଛକୁ ଅଳ୍ପ ଛାଇଥିବା ଜାଗାରେ ଚାଷ କରାଯିବା ଆବଶ୍ୟକ । ଅତ୍ୟଧିକ ବର୍ଷା ହେଉଥିବା ସ୍ଥାନମାନଙ୍କରେ ମଧ୍ୟ ଏହି ଚାଷ ହୋଇପାରେ ।

## ବଂଶବୃଦ୍ଧି

ଏହିଗଛ ମଞ୍ଜିରୁ ହୋଇଥାଏ । ଏହାକୁ ଜମିରେ ସିଧାସଳଖ ମଞ୍ଜିବୁଣି କିମ୍ବା ଚାରାକୁ ଜମିରେ ଲଗାଇ ଚାଷ କରାଯାଇ ପାରେ ।  ସିଧାସଳଖ ଜମିରେ ମଞ୍ଜି ବୁଣି ଗଛ ଉଠାରିଲେ ଅଧିକ ସମୟ ଲାଗୁଥିବାସ୍ଥଳେ ଅଧିକ ଜଳସେଚନ ଏବଂ ବଛାବଛି ମଧ୍ୟ ଆବଶ୍ୟକ ହୋଇଥାଏ । ଏହାକୁ ଚାରାଉଠାରି ଜମିରେ ଲଗାଇଲେ ସୁଫଳ ମିଳିଥାଏ ।



## ଚାରା ଉତ୍ପାଦନ ଓ ରୋପଣ

ପିପ୍ପଳୀ ଚାରା ଉତ୍ପାଦନ ନିମନ୍ତେ ଫେବୃୟାରୀ ରୁ ମାର୍ଚ୍ଚ ମାସ ଉତ୍କୃଷ୍ଟ ସମୟ । ଚାରା ଉତ୍ପାଦନ ନିମନ୍ତେ ୩ ମିଟର ଲମ୍ବ ଓ ୧ ମିଟର ଚଉଡ଼ାର ଭଲ ଭାବରେ ପ୍ରସ୍ତୁତ ହୋଇଥିବା ଚାରା ପଟାଳୀରେ ମଞ୍ଜିବୁଣାଯାଇଥାଏ । ଗୋଟିଏ ହେକ୍ଟର ଜମିରେ ଚାଷ ପାଇଁ ଦେଢ଼ କିଲୋ ରୁ ଦୁଇ କିଲୋ ପର୍ଯ୍ୟନ୍ତ ମଞ୍ଜି ଆବଶ୍ୟକ



ହୋଇଥାଏ । ମଞ୍ଜି ବୁଣିବା ପରେ ମାଟି ଓ ଖତ ମିଶାଇ ପଟାଳି ଉପରେ ବୁଣି ପାଣି ଛି ୍ବାକୁ ହୋଇଥାଏ । ଏହାପରେ ପଟାଳିକୁ ନଡ଼ା ସାହାଯ୍ୟରେ ଘୋଡ଼ାଇ ଦିଆଯାଏ । ନିୟମିତ ଭାବରେ ପ୍ରତିଦିନ ଏହି ପଟାଳିରେ ପାଣି ଛି ୍ବାକୁ ପଡିଥାଏ । ମଞ୍ଜି ବୁଣିବାର ୭-୮ ଦିନପରେ ଗଜା ବାହାରିଥାଏ । ଏହାପରେ ନଡ଼ାକୁଟା ଆଦିକୁ କାଢି ଦିଆଯାଏ । ପଟାଳିକୁ ଘାସ ଓ ଅନାବନା ଗଛ ବାଛି ସଫା ରଖିବାକୁ ହୋଇଥାଏ । ୮ ସପ୍ତାହ ପରେ ଚାରାଗୁଡ଼ିକୁ ନେଇ ଜମିରେ ଲଗାଯାଇଥାଏ ।

ପୁରୁଣା ପିପ୍ପଳୀଗଛରୁ ୩ ରୁ ୬ଟି ଗଣ୍ଠିଥିବା ୮ ରୁ ୧୦ ସେ ିମିଟର ଲମ୍ବର ଡାଳ କାଟି ମଧ୍ୟ ଜମିରେ ଲଗାଇ ଗଛ ଉତରା ଯାଇଥାଏ । ଏହାକୁ ପ୍ରଥମେ କାଟି ପଲିଥିନ୍ ବ୍ୟାଗରେ ମାଟି ଓ ଗୋବର ସମାନ ପରିମାଣରେ ମିଶାଇ ଲଗାଯାଏ । ଚେର ବାହାରିଲା ପରେ ଜମିରେ ଲଗାଯାଏ । ଏହି ପଲିଥିନ୍ ଥଳିଗୁଡ଼ିକୁ ଛାଇରେ ରଖିବାକୁ ହୋଇଥାଏ । ଦେଢ଼ ମାସରୁ ଦୁଇ ମାସ ମଧ୍ୟରେ ଏହି ଗଛ ଗୁଡ଼ିକ ଜମିରେ ଲଗାଇବା ଯୋଗ୍ୟ ହୋଇଯାଏ । ଏହି ପ୍ରକ୍ରିୟାରେ ଡାଳ କାଟିଲାବେଳେ ଗଣ୍ଠିଗୁଡ଼ିକୁ ଯେମିତି କ୍ଷତି ନପହ ୍ବ ଓ ପଟାଳିରୁ ଚାରା ଉପାଡ଼ିଲା ବେଳେ ମଧ୍ୟ ଚେରଗୁଡ଼ିକ ଯେଭଳି ଛିଣ୍ଡିନଯିବ ସେଥିପ୍ରତି ଦୃଷ୍ଟିଦେବାକୁ ପଡିବ ।

ଏହି ଚାରାଗୁଡ଼ିକୁ ଭଲଭାବେ ପ୍ରସ୍ତୁତ ହୋଇଥିବା ଜମିରେ ଧାଡିକୁ ଧାଡି ୩୦ ସେ ିମିଟର ଓ ଗଛକୁ ଗଛ ୪୫ ସେ ିମିଟର ଛଡାରେ ଲଗାଇବାକୁ ହୋଇଥାଏ ।

**ଖତ ପ୍ରୟୋଗ**

ପିପ୍ପଳୀ ନିମନ୍ତେ ଗୋବର ଓ ଗୋମୁତ୍ର ସବୁଠାରୁ ଉ ମ ଖତ ଅଟେ । ପ୍ରତି ହେକ୍ଟର ପିଛା ୨୦ ରୁ ୨୫ ଟନ୍ ଗୋବର ଖତ ଦେଲେ ଅମଳ ଭଲ ହୋଇଥାଏ ।

**ଜଳସେଚନ**

ପିପ୍ପଳୀ ଅଧିକ ଉତ୍ପାଦନ ପାଇବା ନିମନ୍ତେ ଜଳସେଚନ ନିୟମିତ ଭାବରେ କରିବା ଆବଶ୍ୟକ । ପ୍ରଥମେ ଜମିରେ ଗଛ ଲଗାଇବା ପରେ ପରେ ଜଳସେଚନ କରିବାକୁ ହୋଇଥାଏ । ତାପରେ ପ୍ରତି ୮/୧୦ ଦିନ ଜଳସେଚନ କରିବାକୁ ହୋଇଥାଏ । ଯେହେତୁ ଅତ୍ୟଧିକ ପାଣି ରହିଲେ ପିପ୍ପଳୀ ଗଛର କ୍ଷତି ପହ ।ଇଥାଏ, ଏଣୁ ଜମିରେ ପାଣି ଜମି ନ ରହିବାକୁ ଦୃଷ୍ଟି ଦେବାକୁ ପଡିଥାଏ ।

## ଘାସ ଓ ଅନାବନା ଗଛ ବାଛିବା

ଯେହେତୁ ଏହି ଗଛଟି ଜମିରେ ଅନାବନା ଗଛ ରହିଲେ ମରିଯାଏ, ପ୍ରାଥମିକ ପର୍ଯ୍ୟାୟରେ ଜମିରୁ ଅନାବନା ଗଛ ଓ ଘାସ ଆଦିକୁ ସଫା ରଖିବାକୁ ହୋଇଥାଏ । ଥରେ ଏହି ଗଛ ଗୁଡ଼ିକ ବଢ଼ିଗଲେ ଏହା ଜମିସାରା ମାଡିଥାଏ, ଏଣୁ ଅନ୍ୟ ଅନାବନା ଗଛ ଉଠି ପାରନ୍ତି ନାହିଁ । ଏଣୁ ଗଛ ଲଗାଇବା ପରେ ୨/୩ ଥର ଘାସ ଲୋକ ଲଗାଇ ବାଛି ଦେବା ଭଲ । ବେଶୀ ଜମି ଚାଷରେ ଥରେ ଦୁଇଥରେ ବେଉଷଣ କରିଦେବା ଉଚିତ ।

## ରୋଗ ଓ ପୋକ

ଖରାଦିନେ ଏହି ଗଛର ମୂଳରେ ଥିବା ଶସକୁ ଏକ ପ୍ରକାର ପୋକ ଖାଇଯାଆନ୍ତି । ଏହା ଫଳରେ ଗଛଟି ଶୁଖିଲା ଦେଖାଯିବା ସହ ଏହାର ବୃଦ୍ଧି ପ୍ରଭାବିତ ହୋଇଥାଏ । ହେଲୋପେଲଟିସ୍ ଥେରିଭୋରା ନାମକ ଏକ ପୋକ ଗଛର କଅଁଳ ପତ୍ରଗୁଡ଼ିକ ଖାଇଯାଆନ୍ତି, ଫଳରେ ଅମଳ ବାଧାପ୍ରାପ୍ତ ହୁଏ । ନିମ୍ବ ମଞ୍ଜି ଶସକୁ ଗୁଣ୍ଡାକରି ଜମିରେ ପକାଇଲେ ଏହି ପୋକ ଦାଉରୁ ରକ୍ଷା ମିଳିଥାଏ ।

ବର୍ଷା ଋତୁରେ, ଏକପ୍ରକାର ଫିମ୍ପି ପ୍ରଭାବରୁ ପତ୍ର ଓ କାଣ୍ଡ ପଚିଯାଇଥାଏ । ଗରମଦିନେ ମଧ୍ୟ ଫିମ୍ପି ପ୍ରଭାବରୁ ପତ୍ରରେ ଚିହ୍ନ ହୋଇଯାଇଥାଏ । ଏହି ଫିମ୍ପି ପ୍ରଭାବରୁ ଏହି ଫସଲ ସଂପୂର୍ଣ୍ଣ କିମ୍ବା ଆଂଶିକଭାବେ ନଷ୍ଟ ହୋଇଯାଇଥାଏ । ଏହା ଛଡ଼ା, ପତ୍ର ହଳଦିଆ ପଡିଯିବା ଓ ମୋଟା ହୋଇଯିବା ଭଳି ରୋଗମଧ୍ୟ ଏହି ଗଛର ବୃଦ୍ଧିକୁ କମାଇ ଦେଇଥାଏ । ଆକ୍ରାନ୍ତ ହୋଇଥିବା ଗଛରେ ଛୋଟ ଏବଂ କମ୍ ଗୁଣମାନର ଫୁଲ ଧରିଥାଏ ।



## ଅମଳ

ଗଛ ଲଗାଇବାର ୬ ମାସ ପରେ ଏଥିରେ ହୋଇଥିବା ଫଳଗୁଡ଼ିକ ଅମଳଯୋଗ୍ୟ ହୋଇଥାଏ । ଫଳଗୁଡ଼ିକ ଇଷତ୍ ସବୁଜ କଳାରଙ୍ଗ ହେଲେ ଏଥିରୁ ଏକପ୍ରକାର ବାସ୍ନା ବାହାରେ । ଏହି ସମୟରେ ଫଳଗୁଡ଼ିକ ତୋଳିବା ଉଚିତ । ଅମଳ ହୋଇଥିବା ଫଳଗୁଡ଼ିକୁ ୪/୫ ଦିନ ଧରି ଖରାରେ ଶୁଖାଇ ଦିଆଯାଇଥାଏ ।



ଫଳ ବ୍ୟତୀତ, ଏହି ଗଛର ମୂଳ ମଧ୍ୟ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଥାଏ । ଏହି ମୂଳଗୁଡ଼ିକୁ ଗଛ ଲଗାଇବାର ୧୮ ମାସ ପରେ ଖୋଳାଯାଇ ଅମଳ କରାଯାଇଥାଏ । ଅମଳବେଳେ ଗଛର ଡାଳକୁ ମାଟି ଉପରୁ କାଟି ଦିଆଯାଇଥାଏ । ମୂଳଗୁଡ଼ିକୁ ଖୋଳି ଅମଳ କରାଯାଇଥାଏ । ଅମଳ କଲା ପରେ ମୂଳ ଗୁଡ଼ିକୁ ସଫାକରି ଗୋଟିଏ ଦିନ ଗଦା କରି ରଖାଯାଇଥାଏ । ଏହାପରେ ମୂଳଗୁଡ଼ିକ ୨.୫ ରୁ ୫ ସେଣ୍ଟିମିଟର ଲମ୍ବର ଖଣ୍ଡ କରି କଟାଯାଏ । ହେକ୍ଟର ପିଛା ହାରାହାରୀ ୫୦୦ କିଲୋଗ୍ରାମ ମୂଳ ଅମଳ ହୋଇଥାଏ ।

## ବର୍ଗୀକରଣ

କାଣ୍ଡ ଓ ମୂଳର ମୋଟା ଶୁଖିଲା ଭାଗକୁ ପିପ୍ପଳୀମୂଳ କୁହାଯାଏ । ବେଶୀ ମୋଟା ଥିବା ମୂଳ ଏବଂ ମାଟିତଳେ କାଣ୍ଡକୁ ଗ୍ରେଡ-୧ ମାନର ବୋଲି ଧରାଯାଏ । ଏହା ଗ୍ରେଡ-୨ ଏବଂ ଗ୍ରେଡ-୩ ପିପ୍ପଳୀମୂଳଠାରୁ ଉନ୍ନତମାନର ଏବଂ ଅଧିକ ପଇସାରେ ବିକ୍ରି ହୋଇଥାଏ ।

## ଉତ୍ପାଦନ ଓ ଦର

ଶୁଖିଲା ଫଳ ହେକ୍ଟର ପିଛା ହାରାହାରୀ ୪୦୦ କିଲୋଗ୍ରାମ ହୋଇଥାଏ । ଏହା ବୃଦ୍ଧିପାଇ ତୃତୀୟ ବର୍ଷବେଳକୁ ୧୦୦୦ କିଲୋଗ୍ରାମ ହୋଇଥାଏ । ତିନି ବର୍ଷ ପରେ



ଏହାର ଉତ୍ପାଦକତା ହ୍ରାସ ପାଇଥାଏ ଏବଂ ଏହାକୁ ପୂର୍ନବାର ଲଗାଇବାକୁ ପଡିଥାଏ । ୫ ବର୍ଷପରେ ହେକ୍ଟର ପିଛା ୫୦୦ କିଲୋଗ୍ରାମ ପିପ୍ପଳୀ ମଧ୍ୟ ଅମଳ ହୋଇଥାଏ । ଶୁଖିଲା ଫଳଗୁଡ଼ିକ କିଲୋ ପିଛା ୬୦ ରୁ ୧୦୦ ଟଙ୍କାରେ ବିକ୍ରୟ ହେଉଥିବା ବେଳେ ପିପ୍ପଳୀମୂଳ କିଲୋପ୍ରତି ୧୫୦ ଟଙ୍କାରେ ବିକ୍ରୟ ହୋଇଥାଏ ।

ପିପ୍ପଳୀର ଆର୍ନ୍ତଜାତିକ ବଜାରରେ ପ୍ରଚୁର ଗ୍ରହିଦା ରହିଛି । ୧୯୯୮-୯୯ ମସିହାରୁ ୨୦୦୨-୦୩ ମସିହା ପର୍ଯ୍ୟନ୍ତ ଭାରତ ବିଦେଶକୁ ରପ୍ତାନୀ ହୋଇଥିବା ପିପ୍ପଳୀର ଏକ ବିବରଣୀ ନିମ୍ନରେ ଦିଆଯାଇଛି । ଏହି ସାରଣୀକୁ ସମୀକ୍ଷା କଲେ ଜଣାଯାଏ ଯେ, ପ୍ରତିବର୍ଷ ଭାରତବର୍ଷରୁ ପିପ୍ପଳୀ ରପ୍ତାନୀର ପରିମାଣ କ୍ରମାଗତଭାବେ ବୃଦ୍ଧି ପାଇଛି ।

**ଗତ ପା   ବର୍ଷରେ ରପ୍ତାନୀ ହୋଇଥିବା ପିପ୍ପଳୀର ବିବରଣୀ**

| ବର୍ଷ | ପରିମାଣ (ହଜାର କି.ଗ୍ରା.ରେ) | ମୂଲ୍ୟ (ଲକ୍ଷ ଟଙ୍କାରେ) |
|---|---|---|
| ୧୯୯୮-୯୯ | ୨୭୨.୬୬ | ୩୯୫.୪୭ |
| ୧୯୯୯-୨୦୦୦ | ୩୧୯.୨୩ | ୬୬୦.୨୨ |
| ୨୦୦୦-୦୧ | ୭୨୬.୦୧ | ୧୦୨୪.୩୮ |
| ୨୦୦୧-୦୨ | ୧୧୬୩.୮୫ | ୧୨୫୩.୯୪ |
| ୨୦୦୨-୦୩ | ୯୯୧.୮୫ | ୧୦୨୯.୬୭ |

ଉତ୍ସ: ୱେବ ସାଇଟ୍ (*www.commerce.nic.in)*



## ୫ ବର୍ଷର ପିପ୍ପଳୀ ଜମିର ଆୟ ବ୍ୟୟର ବିବରଣୀ (ମୂଲ୍ୟ ଟଙ୍କାରେ)

| **(କ) ବ୍ୟୟ** | **୧ମ ବର୍ଷ** | **୨ୟ ବର୍ଷ** | **୩ୟ ବର୍ଷ** | **୪ର୍ଥ ବର୍ଷ** | **୫ମ ବର୍ଷ** |
|---|---|---|---|---|---|
| **ବ୍ୟୟର ବିବରଣୀ** | | | | | |
| ଜମି ପ୍ରସ୍ତୁତ | ୩୭୫୦ | -- | -- | -- | -- |
| ଖତର ମୂଲ୍ୟ | ୨୫୦୦ | ୨୫୦୦ | ୨୫୦୦ | ୨୫୦୦ | ୨୫୦୦ |
| ମଞ୍ଜି କିମ୍ବା କଲମି ଖର୍ଚ୍ଚ | ୨୫୦୦୦ | -- | -- | -- | -- |
| ଗ୍ଛରା ଉତାରିବା ଖର୍ଚ୍ଚ | ୨୫୦୦ | -- | -- | -- | -- |
| ଗ୍ଛରା ରୋପଣ | ୩୭୫୦ | -- | -- | -- | -- |
| ଘାସ ବଛା ଖର୍ଚ୍ଚ | ୩୭୫୦ | ୨୫୦୦ | ୨୫୦୦ | ୨୫୦୦ | ୨୫୦୦ |
| ପୋକ ନିବାରଣ ଖର୍ଚ୍ଚ | ୫୦୦ | ୫୦୦ | ୫୦୦ | ୫୦୦ | ୫୦୦ |
| ରଞ୍ଜା ଦେବା ଖର୍ଚ୍ଚ | ୫୦୦୦ | -- | ୩୭୫୦ | -- | -- |
| ଜଳସେଚନ ଖର୍ଚ୍ଚ | ୨୫୦୦ | ୨୫୦୦ | ୨୫୦୦ | ୨୫୦୦ | ୨୫୦୦ |
| ଫଳ ତୋଳିବା ଖର୍ଚ୍ଚ | ୨୦୦୦ | ୨୦୦୦ | ୨୦୦୦ | ୨୫୦୦ | ୨୫୦୦ |
| ଫଳ ଶୁଖାଇବା ଖର୍ଚ୍ଚ | ୧୨୫୦ | ୧୨୫୦ | ୧୨୫୦ | ୧୨୫୦ | ୧୨୫୦ |
| କାଟିବା ଏବଂ ରକ୍ଷଣା | ୨୫୦୦ | ୨୫୦୦ | ୨୫୦୦ | ୨୫୦୦ | ୨୫୦୦ |
| ବେକ୍ଷଣ ଖର୍ଚ୍ଚ | | | | | |
| ମୂଳ ସଂଗ୍ରହର ଖର୍ଚ୍ଚ | -- | -- | -- | -- | ୧୨୫୦୦ |
| **ମୋଟ ଖର୍ଚ୍ଚ** | **୫୫୦୦୦** | **୧୩୭୫୦** | **୧୭୫୦୦** | **୧୪୨୫୦** | **୨୬୭୫୦** |
| **(ଖ) ଆୟ** | | | | | |
| ଫଳ ବିକ୍ରୀରୁ ଆୟ (କ୍ୱି ।ଲ ପିଛା ୭୫୦୦ ଟଙ୍କା ଦରରେ) | ୭୫୦୦୦ (୧୦ କ୍ୱି ।ଲ) | ୭୫୦୦୦ (୧୦ କ୍ୱି ।ଲ) | ୧୧୨୫୦୦ (୧୫ କ୍ୱି ।ଲ) | ୧୧୨୫୦୦ (୧୫ କ୍ୱି ।ଲ) | ୧୧୨୫୦୦ (୧୫ କ୍ୱି ।ଲ) |
| ପିପ୍ପଳୀ ମୂଳ ବିକ୍ରୀରୁ ଆୟ (କ୍ୱି ।ଲ ପିଛା 15000 Uuû \eùe) | -- | -- | -- | -- | ୭୫୦୦୦ (5 Kଭିûf) |
| ùcÙ @ùd | 75000 | 75000 | 112500 | 112500 | 187500 |
| fÍb | 20000 | 61250 | 95000 | 982501 | 60750 |

# କେତେକ ପିପ୍ପଳୀ ବ୍ୟବସାୟୀଙ୍କ ଠିକଣା

୧. ଟି. ଗୁନାମ ରାଜୁ
ତେଲୁଗୁ । ଭେଙ୍କାତ ରମଣ ଆଣ୍ଡ୍ କୋ., ନିୟୁ ଫାର୍ମ
ନାକିନା ଷ୍ଟ୍ରିଟ, ଟୁନି- ୫୩୩୪୦୧
ଇ.ଜି. ଜିଲ୍ଲା- ଆନ୍ଧ୍ରପ୍ରଦେଶ

୨. ବିଜୟ ଶଙ୍କର ଟେଡରର୍ସ
ବାଲାଜୀ ରୋଡ଼, ଟୁନି- ୫୩୩୪୦୧
ଆନ୍ଧ୍ରପ୍ରଦେଶ

୩. ବିଜୟ ଗୌରୀ ଟ୍ରେଡ଼ରର୍ସ
ନାକିନା ଷ୍ଟ୍ରିଟ, ଟୁନି- ୫୩୩୪୦୧
ଆନ୍ଧ୍ରପ୍ରଦେଶ

୪. ଭାରତ ଭଣ୍ଡାର
୭୨ ଏ, ରତନ ସରକାର ଷ୍ଟ୍ରିଟ୍
କୋଲକତା-୭

୫. ଏ.ଏସ୍. ଚିଦାମ୍ବରଳ ଫାର୍ମ
୬୯, ରାମଚନ୍ଦ୍ର ଷ୍ଟ୍ରିଟ୍
ବିରୁଦନଗର-୬୨୬୦୦୧
ତାମିଲନାଡୁ

୬. ଆର୍ଯ୍ୟବସ୍ତୁ ଭଣ୍ଡାର
ଏ.ଭି.ଭି.ହାଉସ୍
୪୬ ନିସପେନସେରି ରୋଡ଼
ଡେରାଡୁନ- ୨୪୮୦୦୧